## ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପାକିସ୍ତାନର ଦମ୍‌ଦାର୍ ବିଜୟ ■ ହକିରେ ପାକିସ୍ତାନକୁ ୭-୧ରେ ହରାଇଲା ଭାରତ

# କ୍ରିକେଟ୍‌ରେ ହାର୍, ହକିରେ ଜିତ୍




*ଲଣ୍ଡନ, ୧୮/୬/ଏଜେନ୍ସି:* ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତକୁ ୧୮୦ ରନ୍‌ରେ ପରାସ୍ତ କରି ପାକିସ୍ତାନ ପ୍ରଥମଥର ପାଇଁ ଟାଇଟଲ୍ ହାତେଇଛି । ଏହି ବିଜୟ ସହ ପାକିସ୍ତାନ ପୂର୍ବ ପରାଜୟର ମଧ୍ୟ ମଧୁର ପ୍ରତିଶୋଧ ନେଇଛି । ଦି ଓଭାଲ୍‌ଠାରେ ଅନୁଷ୍ଠିତ ଫାଇନାଲ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଓପ୍ନର ଫକାର୍ ଜମାନ୍ (୧୧୪)ଙ୍କ ଧୂଆଁଧାର ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୩୮ ରନ୍ ସଂଗ୍ରହ କରିଥିଲା । ଏହାର ପିଛା କରିବା ବେଳେ ଭାରତର ଶୋଚନୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ଫଳରେ ଭାରତ ୩୦.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୮ ରନ୍ କରି ପରାସ୍ତ ହୋଇଛି । ଭାରତ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୭୬ ରନ୍ (୪୩ ବଲ୍, ୪ ଚୌକା, ୬ ଛକା) କରିଥିଲେ ।

▶ ଅଧିକ -୧୬

## ହକି ୱାର୍ଲଡ୍ ଲିଗ୍‌ରେ ବୃହତ ବିଜୟ

**ଲଣ୍ଡନ:** ଏଠାରେ ଚାଲିଥିବା ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲ୍‌ରେ ଭାରତ ଜବରଦସ୍ତ ବିଜୟ ହାସଲ କରିଛି । ରବିବାର ଲି' ଭାଲିଠାରେ ଅନୁଷ୍ଠିତ ପୁଲ୍-ବି'ର ଏକ ମ୍ୟାଚ୍‌ରେ ଭାରତ ୭-୧ ଗୋଲ୍ ବ୍ୟବଧାନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଏକତରଫା ବିଜୟ ହାସଲ କରିଛି । ଏହି ବୃହତ ବିଜୟ ସହ ଭାରତ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି ।



## ଶ୍ରୀକାନ୍ତଙ୍କୁ ବ୍ୟାଡ୍‌ମିଣ୍ଟନ୍ ଟାଇଟଲ୍



**ଜାକର୍ତ୍ତା:** ଭାରତର ଶୀର୍ଷ ପୁରୁଷ ସଟ୍‌ଲର୍ କିଦାମ୍ବୀ ଶ୍ରୀକାନ୍ତ ରବିବାର ଇଣ୍ଡୋନେସିଆ ଓପନ୍ ଟାଇଟଲ୍ ଜିତିଛନ୍ତି । ସେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ଏହି ଟାଇଟଲ୍ ଅକ୍ତିଆର କରିଛନ୍ତି । ବିଶ୍ୱର ୨୨ତମ ମାନ୍ୟତାପ୍ରାପ୍ତ ଶ୍ରୀକାନ୍ତ ଆଜି ଖେଳାଯାଇଥିବା ଫାଇନାଲ୍ ମୁକାବିଲାରେ ଜାପାନର କାଜୁମାସା ସାକାଇଙ୍କୁ ସିଧାସଳଖ ଗେମ୍‌ରେ (୨୧-୧୧, ୨୧-୧୯) ପରାସ୍ତ କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି ।